ଧରିତ୍ରୀ
DHARITRI
ମଙ୍ଗଳବାର, ୨୩ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ରୋଷେୟାଙ୍କ ଯୋଗୁ ଟଳିଗଲା ବିପଦ

**ଶ୍ରେଣୀଗୃହକୁ ପଶିଯାଉଥିଲା ନାଗସାପ**

**ଛେଣ୍ଡିପଦା,୨୨।୮(ସ୍ୱ.ପ୍ର.):** ସ୍କୁଲ ଶ୍ରେଣୀଗୃହ ମଧକୁ ପଶିଯାଉଥିବା ଏକ ନାଗସାପକୁ ଦେଖି ରୋଷେୟା ପାଟି କରିବାରୁ ଏକ ବଡ଼ ବିପଦ ଟଳିଯାଇଛି। ସାପଟି କାହାକୁ ଚୋଟ ମାରିବା ପୂର୍ବରୁ ତାହାକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡ଼ିଦିଆଯାଇଛି। ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପୋଡାପଡା ଉଚ୍ଚ ବିଦ୍ୟାଳୟରେ ସୋମବାର ଘଟିଥିବା ଏହି ଘଟଣାରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ମାଛକୁଟା ପଞ୍ଚାୟତ ପୋଡାପଡା ଉଚ୍ଚ ବିଦ୍ୟାଳୟରେ ରୋଷେୟା ତୁଳସୀ ପ୍ରଧାନ ପୂର୍ବାହ୍ନ ୧୧ଟାରେ ରୋଷେଇ କରୁଥିଲେ। ଏହି



ସମୟରେ ହଠାତ୍ ଏକ ସାଢ଼େ ୪ ଫୁଟର ନାଗସାପ ଶ୍ରେଣୀଗୃହକୁ ପଶିଯାଉଥିବା ଦେଖି ସେ ପାଟି କରିଥିଲେ। ଶିକ୍ଷକମାନେ ଏ ସମ୍ପର୍କରେ ଜାଣି ହୋହଲ୍ଲା କରିବାରୁ ସାପଟି ରୋଷେଇ ଘର ନିକଟରେ ଥିବା ଏକ ଗାତରେ ଅଧା ପଶି ରହି ଯାଇଥିଲା। ବିଦ୍ୟାଳୟ ପକ୍ଷରୁ ତୁରନ୍ତ ସାପଧରାଳି ତଥା ଆଇନଜୀବୀ ନଗେନ ନନ୍ଦଙ୍କୁ ଖବର ଦିଆଯାଇଥିଲା। ନନ୍ଦ ଘଟଣାସ୍ଥଳରେ ପହଞ୍ଚି ପ୍ରାୟ ୧ ଘଣ୍ଟା ପରିଶ୍ରମ କରିବା ପରେ ସାପଟିକୁ ଗାତ ଭିତରୁ ଉଦ୍ଧାର କରି ସୁରକ୍ଷିତ ଭାବେ ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।

### ରାଜୀବଲୋଚନ ଜିଲା ଛାତ୍ର ବିଜେଡି ସଭାପତି

**ଅନୁଗୋଳ ଅଫିସ.୨୨।୮:** ଅନୁଗୋଳ ଜିଲା ଛାତ୍ର ବିଜେଡି ସଭାପତି ଭାବେ ୪ର୍ଥ ଥର ପାଇଁ ଦାୟିତ୍ୱରେ ରହିଛନ୍ତି ରାଜୀବଲୋଚନ ଦାସ। ଏଥିପାଇଁ ସେ ବିଜୁ ଜନତା ଦଳର ରାଜ୍ୟ ସଭାପତି



ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜୁ ଛାତ୍ର ଜନତାଦଳ ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ସମ୍ବଲପୁର ଓ ଦେବଗଡ ଜିଲାର ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକ ମୁକେଶ କୁମାର ପାଲ, ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଛାତ୍ର ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ରାଜୀବଲୋଚନ କହିଛନ୍ତି।

# ଦୀର୍ଘ ବର୍ଷ ହେଲା ଦୟନୀୟ



- ପଲିଥିନ ଛପର ତଳେ ବିତୁଛି ଶତାଧିକଙ୍କ ଜୀବନ
- ଖଣି ଅଞ୍ଚଳ ହୋଇଥିବାରୁ ମିଳୁନି ପକ୍କା ଘର
- ବସନ୍ତପୁର ପଞ୍ଚାୟତ ହରିଜନସାହିକୁ ଅବହେଳା

**ଅନେକ ଥର ମାଗିଛନ୍ତି ଗରିବର ଅଧିକାର। ସର୍ତ୍ତ ପୂରଣ କରୁଥିବା ଦର୍ଶାଇଛନ୍ତି ସରକାରୀ ଯୋଜନାର। ହେଲେ ଆବାସ ପରିବର୍ତ୍ତେ ହାତରେ ଲାଗିଛି କେବଳ ଅବହେଳା।**

**ଛେଣ୍ଡିପଦା, ୨୨।୮ (ଡି.ଏନ.ଏ.)**

ମୂଲକୁ ନ ଗଲେ ମିଳେନି ଦାନା। ସେଥିପାଇଁ ମୁଣ୍ଡ ଉପରେ ଥିବା ଛପରର ହୋଇପାରୁନି ମରାମତି। ବିପଦ ଜାଣି ବି ଭଙ୍ଗା ଦଦରା ଘରେ ନେଉଛନ୍ତି ଆଶ୍ରୟ। ଦୀର୍ଘବର୍ଷ ହେଲା ଜରିପାଲ ତଳେ ଦୟନୀୟ ଅବସ୍ଥାରେ ବିତୁଛି ସେମାନଙ୍କ ଜୀବନ। ଗରିବ ବୋଲି ସରକାର ଚିହ୍ନଟ କରିଥିଲେ ମଧ ଖଣି ପାଇଁ ଜମି ଅଧିଗ୍ରହଣ ଅଞ୍ଚଳ କହି ଦେଉନାହାନ୍ତି ଉପଯୁକ୍ତ ଗୁରୁତ୍ୱ। ଫଳରେ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବସନ୍ତପୁର ପଞ୍ଚାୟତ ହରିଜନ ସାହି ଓ ଘୁଣ୍ଟୁଲିପଶି ହରିଜନ ସାହିର ୨୫୦ ପରିବାର।

ସାହିବାସୀଙ୍କ କହିବା ଅନୁଯାୟୀ, ବସନ୍ତପୁର ପଞ୍ଚାୟତ ହରିଜନ ସାହିରେ ରହିଛି ୩ଟି ୱାର୍ଡ। ହରିଜନ ସାହିର ୭ ନଂ. ୱାର୍ଡରେ ୮୦ ପରିବାର ଓ ୮ନଂ. ୱାର୍ଡରେ ୧୨୦ ପରିବାର ରହୁଥିବାବେଳେ ଘୁଣ୍ଟୁଲିପଶି ହରିଜନ ସାହିର ୧୧ନଂ ୱାର୍ଡରେ ଅଛନ୍ତି ୭୫ ପରିବାର। ସେମାନଙ୍କ ଜୀବିକା କହିଲେ କେବଳ ମୂଲ ମଜୁରି। ଅତ୍ୟନ୍ତ ଗରିବ ହୋଇଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ମଧ କରିପାରି ନାହାନ୍ତି। ଏପରି କି ଦୀର୍ଘବର୍ଷ ହେଲା ଚାଳ ଛପର ଭାଙ୍ଗି ଯାଇଥିଲେ ବି ତାହାର ମରାମତି କରିପାରୁ ନାହାନ୍ତି। ସେଥିପାଇଁ ଗତ ଲଗାଣ ବର୍ଷାରେ କଲବଲ ହେବାକୁ ପଡ଼ିଥିଲା ସାହିର ଲୋକଙ୍କୁ। କାହାର କାନ୍ଥ ଗଳି ପଡ଼ିଥିଲା ତ ଆଉ କାହା ଘରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିଲା। ପ୍ରତିବର୍ଷ ବର୍ଷା ଋତୁରେ ଏପରି ଅବସ୍ଥା ଭୋଗୁଥିବା ହରିଜନସାହିବାସୀଙ୍କ ଦୁଃଖ ଦେଖାଯାଉନି ପ୍ରଶାସନକୁ। ଜମି ଅଧିଗ୍ରହଣ ଅଞ୍ଚଳ ବୋଲି କହି ଦୀର୍ଘବର୍ଷ ହେଲା ଏଠାରେ ନିର୍ମାଣ କାର୍ଯ୍ୟ କରୁ ନ ଥିବା ପ୍ରଶାସନ ଏବେ ରାସ୍ତା କରୁଛି। ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଯୋଗାଇ ଦେଉଛି। ଫଳରେ ଦୀର୍ଘବର୍ଷ ହେଲା ମିଳି ନ ଥିବା ଆବାସକୁ ନେଇ ସାହିବାସୀଙ୍କ ମନରେ ଆଶା ଅଧିକ ଦୃଢ଼ୀଭୂତ ହୋଇଛି। ଘର ଖଣ୍ଡିଏ ପାଇବା ପାଇଁ ଦୀର୍ଘବର୍ଷ ହେଲା ସେମାନେ ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟକୁ ଦୌଡୁଥିଲେ ବି ଭତ୍ତା ଓ ରାଶନ ଛଡ଼ା ଅନ୍ୟ କୌଣସି ସହାୟତା ମିଳୁନି। ଏପରି କି ଜରିପାଲ ଖଣ୍ଡିଏ ପାଇଁ ବାରମ୍ବାର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ଗୁହାରି କରିବାକୁ ପଡୁଛି। ଏହାକୁ ନେଇ ସେମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିବର୍ଷ ପକ୍କା ଘର ପାଇଁ ପ୍ରତିଶ୍ରୁତି ଦିଆଯାଉଥିଲେ ମଧ ତାହା କେବଳ ପ୍ରତିଶ୍ରୁତିରେ ଅଟକି ଯାଉଛି। ସାହିର ସୀତା ନାଏକ, ଦୁତି ନାଏକ, କର ନାଏକ, କରୁଣା ନାଏକ, ଭରତ ନାଏକ, ଚାଇନ ନାଏକ, ଅଲି ନାଏକ, ପଳେଇ ନାଏକ, କନକ ନାଏକ, କାଞ୍ଚନ ନାଏକ, ଗୀତା ନାଏକ, ହାଡିବନ୍ଧୁ ନାଏକ, ବାଳକୃଷ୍ଣ ନାଏକ, ମୁଳିଆ ନାଏକଙ୍କ ସମେତ ପଞ୍ଚାୟତର ୩ଟି ୱାର୍ଡରେ ୨୭ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ୧୨୦ରୁ ଊର୍ଦ୍ଧ୍ୱ ଘରର ଛପର ନଷ୍ଟ ହୋଇଯାଇଛି। ପ୍ରଶାସନ ପକ୍ଷରୁ ତୁରନ୍ତ ସର୍ଭେ କରାଯାଇ ଆବାସ ଯୋଜନାରେ ପକ୍କାଘର ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଉକ୍ତ ଅଞ୍ଚଳବାସୀଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କ ନିକଟରୁ ଅନୁମତି ଲୋଡ଼ାଯାଇଛି। ସରକାର ସହମତି ପ୍ରକାଶ କଲେ ଆଗାମୀ ଦିନରେ ସେଠାରେ ଆବାସ ନେଇ ରହିଥିବା ଅସୁବିଧା ଦୂର ହୋଇପାରିବ।

**ଆବାସ ତ ଦୂରର କଥା ପଲିଥିନ ମିଳୁନି**



ମୂଲ ମଜୁରି କରି ଯେତିକି ରୋଜଗାର କରୁଛୁ ପରିବାର ଚଳାଇବାକୁ ନିଅଣ୍ଟ ପଡୁଛି। ତେଣୁ ଚାଳ ଛପର ମରାମତି କରିପାରୁ ନାହୁଁ। ଆବାସ ପାଇବା ତ ଦୂରର କଥା ୩ଥର ତହସିଲ ଓ ରାଜସ୍ୱ ନିରୀକ୍ଷକଙ୍କ ନିକଟକୁ ଧାଇଁବା ପରେ ପାଲ ଖଣ୍ଡେ ମିଳିଛି।

-ସବିତା ନାଏକ, ବସନ୍ତପୁର ହରିଜନ ସାହି

**ଘରଟିଏ ମିଳିଲେ ଶାନ୍ତି ପାଆନ୍ତି**



ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ଏକା ଓ ଅସହାୟ ହୋଇପଡ଼ିଛି। ଅଲଗା ରହୁଥିବା ପୁଅର ଆର୍ଥିକ ଅବସ୍ଥା ମଧ ଭଲ ନୁହେଁ। ତେଣୁ ଛପର ମରାମତି ପାଇଁ ପଇସା ପାଇବି କେଉଁଠୁ। ଲଗାଣ ବର୍ଷାରେ ଘରେ ଆଣ୍ଠୁଏ ପାଣି ରହିଥିଲା। ପ୍ରଶାସନ ଘର ଖଣ୍ଡିଏ ଯୋଗାଇ ଦେଲେ ଶାନ୍ତିରେ ନିଃଶ୍ୱାସ ନେଇପାରନ୍ତି।

-କୁନ୍ତଳା ନାଏକ

**ଦୀର୍ଘବର୍ଷ ହେଲା କେବଳ ପ୍ରତିଶ୍ରୁତି**



ଦୀର୍ଘ ୨୦ ବର୍ଷ ହେବ ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ପଞ୍ଚାୟତରୁ ବ୍ଲକ ପ୍ରଶାସନ ଯାଏ ଧାଉଁଛି। ହେଲେ ପ୍ରତିଶ୍ରୁତି ଛଡ଼ା ଅନ୍ୟ କିଛି ମିଳୁନି। ପ୍ରଶାସନ ଅନେକ ଥର ସର୍ଭେ କରିଥିଲେ ମଧ ଘର ଦେବା ବ୍ୟବସ୍ଥା କରୁନାହିଁ।

-ମଙ୍ଗୁଲୁ ନାଏକ

**ପ୍ରଶାସନ ତଦନ୍ତ କରି ପଦକ୍ଷେପ ନେଉ**



ବସନ୍ତପୁର ପଞ୍ଚାୟତ ହରିଜନ ସାହିର ୩ଟି ୱାର୍ଡବାସୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ଚାଳ ଛପର ମରାମତି ପାଇଁ ସେମାନଙ୍କ ସାମର୍ଥ୍ୟ ନ ଥିବାରୁ ଦୀର୍ଘବର୍ଷ ହେଲା ଶତାଧିକ ପରିବାର ଘର ଉପରେ ଜରିପାଲ ପକାଇ ରହିଛନ୍ତି। ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରି ଆବାସ ଯୋଜନାରେ ଘର ଯୋଗାଇ ଦେଉ।

-ଲକ୍ଷ୍ମୀ ସାମଲ, ସରପଞ୍ଚ, ବସନ୍ତପୁର

**ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ**



ନୂତନ ଭାବେ ଯୋଗ ଦେଇଥିବାରୁ ସମସ୍ୟା ବିଷୟରେ ଅବଗତ ନାହିଁ। ଏ ନେଇ ବିଭାଗୀୟ କର୍ମଚାରୀମାନଙ୍କ ସହିତ ଆଲୋଚନା କରିବା ପରେ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ।

-ତ୍ରିବିକ୍ରମ କୁମୁରା, ବିଡିଓ, ଛେଣ୍ଡିପଦା

**ଘରକୁ ଫେରିବା ବେଳେ ଦୁର୍ଘଟଣା**

### ଝିଅ ମୃତ, ମା’ ଓ ବାପା ଗୁରୁତର

**ଅନୁଗୋଳ ଅଫିସ, ୨୨।୮**

ଅନୁଗୋଳ ସହର ହୁଲୁରିସିଂହା ଛକରେ ରବିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ୮ ବର୍ଷର ଝିଅର ଜୀବନ ଯାଇଥିବାବେଳେ ମା’ ଓ ବାପା ଗୁରୁତର ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ଟ୍ରକ୍ ଚାଳକ ମଧ୍ୟପ୍ରଦେଶର ପୁନାରାମ୍ ବଞ୍ଜାରାଙ୍କୁ ଗିରଫ କରିଥିଲା।

ପ୍ରକାଶ ଯେ, ହୁଲୁରିସିଂହାରେ ଥିବା ସମ୍ପର୍କୀୟଙ୍କ ଘରକୁ ଚିତ୍ତରଞ୍ଜନ ପଣ୍ଡା ସ୍ତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା ଓ ଝିଅ ତମାଗ୍ନା ପଣ୍ଡାଙ୍କୁ ଧରି ବୁଲିବାକୁ ଯାଇଥିଲେ। ରାତି ୧୧ଟାରେ ହାକିମ୍‌ପଡ଼ାରେ ଥିବା ଘରକୁ ମୋଟରସାଇକେଲ (ନଂ. ଓଆର୧୯ଏନ୍-୪୮୭୮)ରେ ଫେରୁଥିଲେ। ଏହି ସମୟରେ ଅନୁଗୋଳ ପଟୁ ସମ୍ବଲପୁର ଆଡ଼କୁ ଯାଉଥିବା ଦ୍ରୁତଗାମୀ ଟ୍ରକ୍ (ନଂ. ଏମ୍‌ଏଚ୪୯-ଏଟି-୭୬୪୧) ମୋଟର ସାଇକେଲକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଚିତ୍ତରଞ୍ଜନ, ଶୁଭଲକ୍ଷ୍ମୀ ଓ ଝିଅ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଓ ହାଇୱେ ପାଟ୍ରୋଲିଂ ଗାଡ଼ି ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୮ ବର୍ଷର ତମାଗ୍ନାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ତାଙ୍କ ମା’ ଓ ବାପାଙ୍କ ଚିକିତ୍ସା ଜାରି ରହିଛି। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଏହି ଘଟଣାର ତଦନ୍ତ ଏସ୍‌ଆଇ ଜମୁନା ମାରାଣ୍ଡି କରୁଥିବା ଜଣାପଡ଼ିଛି।

## ଖୋଲିଲା ରେଙ୍ଗାଲି ଡ୍ୟାମ୍ ଗେଟ୍



ରେଙ୍ଗାଲି ଡ୍ୟାମ୍‌ର ୮ନଂ. ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି।

**କଣିହାଁ,୨୨।୮ (ଡି.ଏନ.ଏ.)**

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଅନୁଗୋଳ ଜିଲା କଣିହାଁସ୍ଥିତ ରେଙ୍ଗାଲି ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଜଳ ନିଷ୍କାସନ ପାଇଁ ସୋମବାର ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇଛି। ଡ୍ୟାମ୍ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପଣ୍ଡାଙ୍କ ସୂଚନା ଅନୁସାରେ, ରେଙ୍ଗାଲି ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୧୨୩.୫୦ ମିଟର। ଅପରାହ୍ନ ୧ଟା ସୁଦ୍ଧା ଜଳସ୍ତର ୧୨୨.୧୧ ମିଟରରେ ପହଞ୍ଚିଥିଲା। ଫଳରେ ୧ଟା ୧୫ ମିନିଟରେ ଗୋଟିଏ ଗେଟ୍ (୮ ନମ୍ବର) ଖୋଲାଯାଇ ଜଳ ନିଷ୍କାସନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧକୁ ୭୮୭୫. ୫୪ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ ଓ ୮ନଂ. ଗେଟ୍ ଦେଇ ୧୯୭୧ ଘନମିଟର ଜଳ ନିଷ୍କାସନ କରାଯାଉଛି। ଚଳିତବର୍ଷ ପ୍ରଥମକରି ଗେଟ୍ ଖୋଲାଯିବା ବେଳେ ମୁଖ୍ୟଯନ୍ତ୍ରୀ ବାମା ପ୍ରସାଦ ବିଶ୍ୱାଳ, ସହକାରୀ ମୁଖ୍ୟଯନ୍ତ୍ରୀ ସନ୍ତୋଷ ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପଣ୍ଡା, ଉପଖଣ୍ଡ ଅଧିକାରୀ ଶଙ୍କରା ନନ୍ଦ ରଣା, ସହକାରୀ ଯନ୍ତ୍ରୀ ଦାଶରଥି ମୁର୍ମୁ, କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମଣ ମୁର୍ମୁ, ଜ୍ୟୋତି ରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରି ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୨୨।୮(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପୋଲିସ କୋଇଲା ଚୋରି ଅଭିଯୋଗରେ ଗୋହିରାପଶି ଗ୍ରମର ବାଟୁ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, ବାହାଲସାହି ପଞ୍ଚାୟତ ଗୋହିରାପଶି ଗ୍ରାମରେ ବେଆଇନ କୋଇଲା ଖାତ କରାଯାଇ କୋଇଲା ବିକ୍ରି କରାଯାଉଥିବା ପୋଲିସକୁ ଖବର ମିଳିଥିଲା। ଏହାପରେ ପୋଲିସ ଚଢାଉ କରିବା ସହିତ ଗୋହିରାପଶି ଗ୍ରାମର ବାବୁଲା ବେହେରାଙ୍କୁ ଗିରଫ କରିଥିଲା। ଏଥିସହ ୬ଟନ କୋଇଲା ଓ ଉତ୍ତୋଳନରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୧୦/୨୨ରେ ମାମଲା ରୁଜୁ ପରେ ବାବୁଲା ବେହେରାଙ୍କ ବୟାନକୁ ଆଧାରକରି ୫ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହାପରେ ଗୋହିରାପଶି ଗ୍ରାମର ବାଟୁ ବେହେରାଙ୍କୁ ଗିରଫ କରିଥିଲା।

# ସ୍ଥାୟୀ ରାସ୍ତା ନିର୍ମାଣ ଦାବି

**ଆଠମଲ୍ଲିକ,୨୨।୮(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତର ସିଆବେରେଣି (ଭାଲୁନଟି ) ଗ୍ରାମକୁ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି କରାଯାଇଛି। ଏ ନେଇ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳ ତରଣୀ ସୁନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୱାର୍ଡମେମ୍ବର ଦମୟନ୍ତୀ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ ଦେଇଥିବା ଦାବିପତ୍ରର ଉଲ୍ଲେଖ କରିଛନ୍ତି, ଗ୍ରାମବାସୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମର ଦକ୍ଷିଣ ପାର୍ଶ୍ୱରେ କନ୍ଧପଡା ନାଳ ପ୍ରବାହିତ ହେଉଥିବାରୁ ବର୍ଷାଦିନରେ ଗ୍ରାମବାସୀ ବାହାରକୁ ଯାଇପାରୁ ନ ଥିବା ବେଳେ ମୁଖ୍ୟତଃ ଛାତ୍ରୀଛାତ୍ର, ରୋଗୀ ଓ ପ୍ରସୂତି ମହିଳାଙ୍କୁ ନେବା ଆଣିବା କଷ୍ଟକର ହୋଇପଡୁଛି। ଗତ ଲଗାଣ ବର୍ଷା ସହିତ ମନଜୋର ଡ୍ୟାମରୁ ପାଣି ନିଷ୍କାସିତ ହେବା ଦ୍ୱାରା ଜଳସ୍ତର ବୃଦ୍ଧି ପାଇବାରୁ ଗ୍ରାମର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

ଛାତ୍ରୀଛାତ୍ରମାନେ ସ୍କୁଲକୁ ଯାଇ ନ ପାରି ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ବିଶେଷକରି ବର୍ଷା ଦିନରେ କନ୍ଧପଡା ନାଳରେ ଜଳସ୍ତର ବୃଦ୍ଧି ପାଇଲେ ବିକଳ୍ପ ରାସ୍ତା ଭାବରେ ପାତ୍ରପଡା ଓ ଗୁଦଗୁଦି ଗ୍ରାମ ଦେଇ ଗ୍ରାମବାସୀ ୧୨ କିଲୋମିଟର ଅଧିକ ରାସ୍ତା ଦେଇ ବାହାରକୁ ଯିବାକୁ ପଡୁଛି। ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ କନ୍ଧପଡା ନାଳରେ ପୋଲ ସହ ସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୁର୍ଗାପୂଜା ଭିତରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଦରଦାମ ବୃଦ୍ଧି ବିରୋଧରେ ସଚେତନ କଲା କଂଗ୍ରେସ

**ଅନୁଗୋଳ ଅଫିସ.୨୨।୮**

କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ସମ୍ପର୍କରେ ସୋମବାର ଅନୁଗୋଳ କଂଗ୍ରେସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନାଙ୍କ ନେତୃତ୍ୱରେ ‘ମହଙ୍ଗାଇ ପର୍ ଚର୍ଚ୍ଚା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ କଂଗ୍ରେସ ଭବନ ଠାରୁ ଏକ ପଦଯାତ୍ରା କରି ବଜାର ଛକ, ସେଣ୍ଟ୍ରାଲ ଲଜ ଛକ, ଜେଲ ଛକ, ରାଜା ଛକ, ବସଷ୍ଟାଣ୍ଡ ଠାରେ ପହଞ୍ଚି ପଥପ୍ରାନ୍ତ ସଭା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନା କରାଯାଇଥିଲା। ସଭାରେ ଉପସ୍ଥିତ ଦଳର କର୍ମକର୍ତ୍ତାମାନେ କହିଥିଲେ ଯେ, ୨୦୧୪ ମସିହାରେ ପେଟ୍ରୋଲ ଦର ୭୧ଟଙ୍କା ଥିବାବେଳେ ୨୦୨୨ ମସିହାରେ ୪୬.୩% ବୃଦ୍ଧି ପାଇ ୧୦୩ ଟଙ୍କା ହୋଇଛି। ସେହିପରି ଡିଜେଲ ୫୭ ଟଙ୍କାରୁ ବଢ଼ି ୯୫.୧୫ ଟଙ୍କା ଓ ରନ୍ଧନ ଗ୍ୟାସ ସିଲିଣ୍ଡର ୪୧୦ ଟଙ୍କାରୁ ୧୦୮୦ ଟଙ୍କାକୁ ବୃଦ୍ଧି ହୋଇଛି। ସେହିପରି ସୋରିଷ ତେଲ ୯୦ଟଙ୍କାରୁ ବଢ଼ି ୨୦୦ ଟଙ୍କା, କ୍ଷୀର ଲିଟର ୩୫ ଟଙ୍କାରୁ ୫୦ଟଙ୍କା, ଅଟା ୨୨ ଟଙ୍କାରୁ ବୃଦ୍ଧିପାଇ ୩୫ରୁ ୪୦ ଟଙ୍କାରେ ପହଞ୍ଚିଛି। ଔଷଧ, ସାର ଓ କୀଟନାଶକ, ଗୋ ଖାଦ୍ୟ, ନିର୍ମାଣ ସାମଗ୍ରୀ, ବସ୍ ଓ ଟ୍ରେନ ଭଡା ଆଦି ବଢି ଚାଲିଛି। ଏ ବିଷୟରେ ଜନ ସାଧାରଣ ସଚେତନ ରହିବା ଦରକାର। ଉକ୍ତ ପଥପ୍ରାନ୍ତ ସଭାରେ ଦିଗାମ୍ବର ଗଡନାୟକ, ଜୟନ୍ତ ସାହୁ, ଜିତେନ୍ଦ୍ର ସାହୁ, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ବଅଁରପାଳ ସଭାପତି ବିନୋଦ ମାଝି, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ଧର୍ମେନ୍ଦ୍ର ନାଥ ମିଶ୍ର, ନୀଳକଣ୍ଠ ନାୟକ, ରାକେଶ ମିଶ୍ର, ଜିଲା କଂଗ୍ରେସ କୋଷାଧକ୍ଷ ସଞ୍ଜୀବ କୁମାର ମାଣ୍ଡେଠିଆ, ନଗର ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ରାଣୀ ମହାପାତ୍ର, ଦିଲୀପ ସାମଲ, ଟିକନ ବେହେରା, ମାନିନୀ ପ୍ରଧାନ, ଶାନ୍ତିଲତା ବେହେରା, ବାପୁନ ଦେହୁରୀ, ଉପେନ୍ଦ୍ର ପ୍ରଧାନ, କୈଳାସ ପ୍ରଧାନ, ସଂଗ୍ରାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

# ଅବହେଳା ନ କରିବାକୁ ତାଗିଦ

**ଅନୁଗୋଳ ଅଫିସ,୨୨।୮**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଆଦେଶ ଅନୁଯାୟୀ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରକାଶନ ନିମନ୍ତେ ଗତ ୧ ତାରିଖଠାରୁ ଆଧାର ନମ୍ବର ପଞ୍ଜୀକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ବାଇତୁରା ଦିପଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସମସ୍ତ ଭୋଟରଙ୍କ ଆଧାର ନମ୍ବର ସହିତ ସତ୍ୟତା ପ୍ରତିପାଦନ ନିମନ୍ତେ ପଞ୍ଜୀକରଣ କାର୍ଯ୍ୟ ଚାଲିଛି। ଏଥି ନିମନ୍ତେ ଅନୁଗୋଳ, ବଅଁରପାଳ ଓ ଛେଣ୍ଡିପଦା ବ୍ଲକ୍‌ର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସମ୍ପୃକ୍ତ ଅଧିକାରୀ, ତହସିଲଦାର ଓ ସିଡିପିଓ ଅଗଷ୍ଟ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ତାଲିମ ଦେଇଛନ୍ତି। ଏଥିରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନଲାଇନ୍ ଗରୁଡ ଆପ୍ ଭୋଟର ହେଲପ୍ ଲାଇନ୍ ବିଷୟରେ ତାଲିମ ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଚଳିତ ମାସ ଅଗଷ୍ଟ ୩୧ ତାରିଖ ସୁଦ୍ଧା ସମସ୍ତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**୩୧ ସୁଦ୍ଧା ସରିବ ଭୋଟର କାର୍ଡ ସହ ଆଧାର ପଞ୍ଜୀକରଣ**

ଭୋଟରଙ୍କ ଆଧାର ନମ୍ବର ସହିତ ପଞ୍ଜୀକରଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଅଭିଯାନରୁ ଯେପରି କେହି ବାଦ୍ ନ ପଡନ୍ତି ସେଥିନିମନ୍ତେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଛନ୍ତି।

ପ୍ରକାଶ ଯେ, ଗତ ୧୯ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବୁଥ୍ ସ୍ତରୀୟ ସେକ୍ଟର ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅଧିକାରୀ, ସୁପରଭାଇଜର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସିଡିପିଓମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇ ଏହି ସ୍ୱତନ୍ତ୍ର ଅଭିଯାନର ସମୀକ୍ଷା କରାଯାଇଥିଲା। ଏହି ୨ ନିର୍ବାଚନମଣ୍ଡଳୀରେ ଶତ ପ୍ରତିଶତ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ଉପଜିଲାପାଳ ଶୁଭେଚ୍ଛା ଜଣାଇବା ସହ ଦାୟିତ୍ୱରେ ଅବହେଳା ନ କରିବା ନିମନ୍ତେ ତାଗିଦ୍ କରିଥିଲେ। ନିର୍ଦ୍ଧାରିତ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ନ କଲେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ ତାଗିଦ୍ କରାଯାଇଥିଲା। ଏଥିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ସୁକାନ୍ତ କୁମାର ସାହୁ ଓ ସେକ୍ସନ ଅଫିସର ସୁବାସ ଚନ୍ଦ୍ର ପ୍ରଧାନ ଅଂଶଗ୍ରହଣ କରି ସମସ୍ତ ଛାତ୍ରୀଛାତ୍ର ତଥା ଅଧାପିକା ଅଧାପକଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୩ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ସରପଞ୍ଚଙ୍କୁ ହତ୍ୟା ଧମକ

ବଇଣ୍ଡା,୨୨।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ପରିସରରେ ସୋମବାର ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନଙ୍କୁ କିଶୋରନଗର ଥାନା ଟାପୁରିସିଙ୍ଗା ଗ୍ରାମର ବୀରକିଶୋର ପ୍ରଧାନ ହତ୍ୟା ଧମକ ଦେଇଥିବା ରଶ୍ମିତା କିଶୋରନଗର ଥାନାରେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି, ସୋମବାର ବ୍ଲକ ସଭାଗୃହ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିଥିବାବେଳେ ଏଥିରେ ଯୋଗଦେବା ପାଇଁ ଯାଇଥିଲେ। ହେଲେ ବ୍ଲକ ପରିସରରେ ଶାସକ ଦଳର ଡ୍ରେସ ପିନ୍ଧି ବୀରକିଶୋର ତାଙ୍କୁ ଅଟକାଇ ୩୦୦ ଟଙ୍କା ତାଙ୍କୁ ଚାନ୍ଦା ଦେବାକୁ କହିଥିଲେ। କ'ଣ ପାଇଁ ଚାନ୍ଦା ଦେବି କହିବା ସହ ବ୍ଲକ କାର୍ଯ୍ୟାଳୟକୁ ପଳାଇ ଯାଇଥିଲେ। ଅଭିଯୋଗ ଶୁଣାଣି ସାରିବା ପରେ ବ୍ଲକ ସମୁଖରେ ରଶ୍ମିତା ଛିଡା ହୋଇଥିବାବେଳେ ବୀରକିଶୋର ଆସି ପୁଣି ଚାନ୍ଦା ମାଗିଥିଲେ। ରଶ୍ମିତା ଏହାର ପ୍ରତିବାଦ କରିବାରୁ ତାଙ୍କୁ ଏକ ଇଟା ମାଧମରେ ଆକ୍ରମଣ କରିବା ସହ ବ୍ଲକକୁ ଆସିଲେ ହତ୍ୟା କରି ଦେବି ବୋଲି ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ନେଇ କିଶୋରନଗର ପୋଲିସ ନମ୍ବର ୧୪୨/୨୨ରେ ଏକ ମାମଲା ରୁଜୁ କରିଛି। ବ୍ଲକର ସମସ୍ତ ସରପଞ୍ଚଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସରପଞ୍ଚ ସଂଘ ପକ୍ଷରୁ ଦାବି ହୋଇଛି।

### ନୂତନ ଡାକ୍ତରଙ୍କ ଯୋଗଦାନ

କଣିହାଁ,୨୨।୮(ଡି.ଏନ.ଏ.)- କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୋମବାର ନୂତନ ଡାକ୍ତର ଭାବେ ସୂର୍ଯ୍ୟକାନ୍ତ ସାହୁ ଯୋଗଦାନ କରିଛନ୍ତି।



ଏ ନେଇ ସେ କହିଛନ୍ତି, ଚିକିତ୍ସା ସେବା କରିବା ସୁଯୋଗ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇ ଖୁସି ଲାଗୁଛି। ଜନସାଧାରଣଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବାରେ ସହାୟକ ହେବି ବୋଲି ସୂର୍ଯ୍ୟକାନ୍ତ ପ୍ରକାଶ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସାଧିକାରୀ ସୁମନ୍ତ ପଟେଲ, ଅଳକା ସାମଲ ଓ ଆୟୁଷ ଡାକ୍ତର ରାକେଶ ମହାରଣା ରହିଛନ୍ତି। ଏଠାରେ ଥିବା ଡାକ୍ତର ଶଶୀକାନ୍ତ ତ୍ରିପାଠୀ ପିଜି ପାଠପଢ଼ା ପାଇଁ ଏକ ବର୍ଷ ହେଲା ଛୁଟିରେ ରହିଥିବାରୁ ତାଙ୍କ ସ୍ଥାନ ଖାଲିପଡ଼ିଥିଲା। ରାଜ୍ୟ ସରକାର ନୂତନ ଡାକ୍ତର ନିଯୁକ୍ତିକୁ ନେଇ ସୂର୍ଯ୍ୟକାନ୍ତ ଯୋଗଦେଇଛନ୍ତି।

### ପୂଜା କମିଟିର ନୂତନ କର୍ମକର୍ତ୍ତା

ବଅଁରପାଳ,୨୨।୮(ଡି.ଏନ.ଏ.)- ନାଲ୍‌କୋ କାଷ୍ଟ ହାଉସ୍ ବି ବିଶ୍ୱକର୍ମା ପୂଜା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜାକୁ କିଭଳି ଶାନ୍ତିଶୃଙ୍ଖଳା ଓ ବହୁ ଆଡ଼ମ୍ବର ସହ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଉଦୟନାଥ ମାରାଣ୍ଡି ଓ ସାଧାରଣ ସମ୍ପାଦକ ଭାବେ ପ୍ରକାଶ ବେହେରାଙ୍କୁ ଚୟନ କରାଯାଇଛି। ଉପସଭାପତି ଭାବେ କୃପାସିନ୍ଧୁ ଝା, ଆର୍‌ଆଇ ମୁଣ୍ଡେଶ୍ୱର ଏମ୍.କେ ମଣ୍ଡଳ, କୋଷାଧକ୍ଷ ଭାବେ ନବୀନ ପଟ୍ଟନାୟକଙ୍କୁ ଚୟନ କରାଯାଇଥିଲା। ବୈଠକରେ ମନୋଜ ସ୍ୱାଇଁ, ଦୀପକ ସିଂ, ଉପେନ୍ଦ୍ର ବେହେରା, ସରୋଜ ସାହୁ, ସଞ୍ଜୟ ପ୍ରଧାନ, ହାଡି ବନ୍ଧୁ ରଣା, ବଳରାମ ପ୍ରଧାନ, ହିମାଂଶୁ ବିଶ୍ୱାଳ, ଦୀପକ ସ୍ୱାଇଁ, ଚିତ ଦାସ ଉପସ୍ଥିତ ଥିଲେ।

### ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

ବଇଣ୍ଡା,୨୨।୮(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜନୈକା ୭ମ ଶ୍ରେଣୀ ଛାତ୍ରୀଙ୍କୁ ଜଣେ ନବମ ଶ୍ରେଣୀ ଛାତ୍ର ବଳାତ୍କାର କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୦୩/୨୨ ରେ ଏକ ମାମଲା ରୁଜୁ କରି ପୀଡ଼ିତା ଛାତ୍ରୀ ଓ ଅଭିଯୁକ୍ତ ଛାତ୍ରଙ୍କୁ ଅଟକ ରଖି ଆଠମଲ୍ଲିକ କୋର୍ଟରେ ବୟାନ ରେକର୍ଡ କରିବା ସହ ଡାକ୍ତରୀମାଇନା ପାଇଁ ପଠାଇଛି। ପୋଲିସ କହିଛି, ଛାତ୍ରୀ ଜଣକ ଘରେ ଏକୁଟିଆ ଥିବାବେଳେ ଅଭିଯୁକ୍ତ ଛାତ୍ର ତାଙ୍କ ଘରକୁ ଯାଇ ବଳାତ୍କାର କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଇସ୍କନରେ ଜନ୍ମାଷ୍ଟମୀ ମହୋତ୍ସବ

ଅନୁଗୋଳ ଅଫିସ, ୨୨।୮- ଅନୁଗୋଳ ଇସ୍କନ କେନ୍ଦ୍ରରେ ଶ୍ରୀକୃଷ୍ଣଙ୍କ ଜନ୍ମ ଓ ନନ୍ଦଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଇସ୍କନ ବୃନ୍ଦାବନ ନିବାସୀ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜ ଦୁଇଦିନ ଧରି କୃଷ୍ଣ ଜନ୍ମଲୀଳା ବିଷୟରେ ସୁନ୍ଦର ପ୍ରବଚନ ପ୍ରଦାନ କରଥିଲେ। ରାଧା ଶ୍ୟାମସୁନ୍ଦରଙ୍କ ମହାଅଭିଷେକ, ମହାଆରତୀ ଓ ଛପନ ଭୋଗ ସହିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଜନ୍ମାଷ୍ଟମୀ ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଉପସ୍ଥିତ ରହି ମନ୍ଦିର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇସ୍କନ ଅନୁଗୋଳର ସମସ୍ତ ଭକ୍ତ ପରିଚାଳନା କରିଥିଲେ।

# ବେଆଇନ ନିର୍ମାଣ ପାଇଁ ସିଲ୍ ହେଲା ମଲ୍

ଅନୁଗୋଳ ଅଫିସ, ୨୨।୮

ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା)ଙ୍କ ନିକଟରୁ ଅନୁଗୋଳ ପୌରପାଳିକାକୁ କ୍ଷମତା ଆସିବା ପରେ ପ୍ରଥମ ଥର ବେଆଇନ୍ ନିର୍ମାଣ ଉପରେ ଚଢ଼ାଇ କରି ସିଲ୍ କରାଯାଉଛି। ଏକ ଶପିଂମଲ୍ ମାଲିକ ସନ୍ତୋଷଜନକ ଦସ୍ତାବିତ୍ ଦେଖାଇ ପାରି ନ ଥିବାରୁ ଏହାକୁ ସିଲ୍ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି। ତେବେ ଆଦେଶ ଅନୁଯାୟୀ ଠିକ୍ ଦସ୍ତାବିଜ ପ୍ରଦାନ ନ କରିବା ପର୍ଯ୍ୟନ୍ତ ଉକ୍ତ ମଲ୍‌ଟି ବନ୍ଦ ରହିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ରୁ ଗାନ୍ଧୀମାର୍ଗ ରାସ୍ତାରେ ସବୁଠାରୁ ବଡ଼ ଶପିଂ ମଲ୍ ଗଢ଼ି ଉଠିଥିଲା। କିନ୍ତୁ ଉକ୍ତ ମଲ ଗୋଟିଏ କାର୍ଯ୍ୟ ପାଇଁ ତାମଡା ନିକଟରୁ ଅନୁମତି ନେଇଥିବା ବେଳେ ଅନ୍ୟ କାର୍ଯ୍ୟରେ ବ୍ୟବହାର ହେଉଥିଲା। ବେଆଇନ ଭାବେ କିଛି ନିର୍ମାଣ ମଧ୍ୟ କରାଯାଇଥିଲା ବେଳେ ପାର୍କିଂ ବ୍ୟବସ୍ଥା କରାଯାଇ ନ ଥିଲା। କେବଳ ସେତିକି ନୁହେଁ, ନିର୍ମାଣ ହୋଇଥିବା ସ୍ଥାନ ଜଣଙ୍କ ନାମରେ ଥିବାବେଳେ ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି ତାମଡା ପକ୍ଷରୁ ଅନ୍ୟ ଜଣେ ନେଇଥିଲେ। ଏପରି କି ଅନ୍ୟ ଜଣେ ଚୁକ୍ତିନାମା କରିଥିଲେ। ଏହି ମଲ୍ ଗତ ମେ ମାସରେ କାର୍ଯ୍ୟକ୍ଷମ ହୋଇଥିଲା। ଏପରି କାର୍ଯ୍ୟ ପାଇଁ ତାମଡା ପକ୍ଷରୁ ବିଭିନ୍ନ ସମୟରେ ନୋଟିସ୍ ପ୍ରଦାନ କରାଯାଇଥିଲା। କିନ୍ତୁ ମଲ୍ ମାଲିକ ଏହାକୁ ଖାତିର କରି ନ ଥିଲେ। ବିନା ହୋଲ୍ଡିଂ ଟ୍ୟାକ୍ସରେ ଏହା କାର୍ଯ୍ୟକ୍ଷମ ରହିଥିଲା। ଏହି ଶପିଂ ମଲ୍‌ରେ ଚାଲିଥିବା ବ୍ୟବସାୟିକ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ ନ ଥିବା ମଧ୍ୟ ପୌରପାଳିକା ପକ୍ଷରୁ କୁହାଯାଇଛି। ଏ ନେଇ ବାରମ୍ବର ମଲ୍ ମାଲିକଙ୍କୁ ପୌର କର୍ତ୍ତୃପକ୍ଷ ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ ଧରାଛୁଆଁ ଦେଇ ନ ଥିଲେ। ତେବେ ପୁଳା ପୁଳା ବେଆଇନ୍ ତଥ୍ୟ ପୌରପାଳିକା ପାଇବା ପରେ ଉକ୍ତ ମଲ୍‌ଟିକୁ ସୋମବାର ସନ୍ଧ୍ୟାରେ ସିଲ୍ କରାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶା ଉନ୍ନୟନ ନିୟମ ଅନୁସାରେ ପୌରପାଳିକାକୁ କ୍ଷମତା ପ୍ରଦାନ କରାଯାଇଛି। ତାମଡାର ସହରାଞ୍ଚଳର ପ୍ଲାନିଂ ଫଙ୍କସନ୍ (ବିଲ୍ଡିଂ ଅନୁମତି, ସବ୍‌ଡିଭିଜିନାଲ ଲେଆଉଟ୍, ଏନଫୋର୍ସମେଣ୍ଟ) ଆସିଛି। ଏହି କ୍ଷମତା ପାଇବା ପରେ ଅନୁଗୋଳ ପୌର କର୍ତ୍ତୃପକ୍ଷ ପ୍ରଥମ ଥର ପାଇଁ ଆକ୍ସନ ମୁଡ୍‌ରେ ଆସିଛନ୍ତି। ବେଆଇନ୍ ନିର୍ମାଣକୁ ପର୍ଯ୍ୟାୟକ୍ରମେ ଯାଞ୍ଚ କରାଯାଇ ସିଲ୍ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ପ୍ରଦାନ କରିଛନ୍ତି।



ମଲ୍‌କୁ ପୌର କର୍ତ୍ତୃପକ୍ଷ ସିଲ୍ କରୁଛନ୍ତି।

**ଆକ୍ସନ୍ ମୁଡ୍‌ରେ ପୌର କର୍ତ୍ତୃପକ୍ଷ**

## ହିଙ୍ଗୁଳା, ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ

କଣିହାଁ,୨୨।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓ.ସି.ସି. କଲୋନୀ ନିକଟସ୍ଥ ବାବାମଣି ଓ ମା' ସନ୍ତୋଷୀ ମନ୍ଦିର ପରିସରରେ ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ମନ୍ଦିରରେ ଯଥା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ୧୧ ତାରିଖରେ ସନ୍ତୋଷୀ ମା'ଙ୍କ ୩୩ତମ ଜନ୍ମ ଉତ୍ସବ ଅବସରରେ ବାପଘର ବାବାମଣି ମନ୍ଦିରକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପ ସ୍ଥିତ ମା' ବାଟମଙ୍ଗଳାଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା। ଅପରାହ୍ଣରେ ଲେଉଟାଣି ଉତ୍ସବ ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ନାମ ସଂକୀର୍ତ୍ତନ ସହ ଦୁଇ ଦେବୀଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ବାହାରକୁ ଅଣାଯାଇଥିଲା। ମନ୍ଦିରଠାରୁ ଘଣ୍ଟଘଣ୍ଟା, ବାଜାବାଣ, ନାମସଂକୀର୍ତ୍ତନ ସହିତ ଏକ ଶୋଭାଯାତ୍ରାରେ ଭକ୍ତମାନେ ପ୍ରଥମେ ରେଙ୍ଗାଳି ପ୍ରକଳ୍ପ ସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା' ବାଟମଙ୍ଗଳାଙ୍କୁ ନିଜ ଆସ୍ଥାନରେ ଛାଡିବା ପରେ ମା' ହିଙ୍ଗୁଳାଙ୍କୁ ନେଇ ତାଳଚେର ସ୍ଥିତ ଗୋପାଳପ୍ରସାଦ ଯାଇଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ଭକ୍ତଦଳ ସନ୍ଧ୍ୟାରେ ରେଙ୍ଗାଳି ଫେରି ଆସିଥିଲେ।



## ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ ଆରମ୍ଭ

ଅନୁଗୋଳ ଅଫିସ, ୨୨।୮

■ବନ୍ଦ ହେଲା ରନ୍ଧା ଖାଦ୍ୟ ପ୍ରଦାନ
■ଲୋକଙ୍କୁ ଦିଆଯାଉଛି ଜରି ପାଲ

ଅନୁଗୋଳ ଜିଲାର ଅନୁଗୋଳ ଓ ଆଠମଲ୍ଲିକ ବ୍ଲକରେ ବନ୍ୟା ପାଣି ଛାଡ଼ିଯିବା ପରେ ଏବେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି। ଏଥିସହ ଅସ୍ଥାୟୀ ଶିବିରରୁ ବିପନ୍ନମାନେ ଘରକୁ ଫେରିଥିବାରୁ ସେମାନଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟ ବନ୍ଦ କରାଯାଇଛି। ସେହିପରି ଜରିପାଲ ମଧ୍ୟ ପ୍ରଦାନ ଆରମ୍ଭ ହୋଇଛି। ଅନୁଗୋଳ ବ୍ଲକର ଟିକରପଡ଼ା ପଞ୍ଚାୟତର ଲୋକଙ୍କୁ ଅସ୍ଥାୟୀ ଶିବିରରେ ରଖି ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଥିଲା। ବେହେରାସାହି, ଗଇଁଦି, ଟିକରପଡ଼ା ଆଦି ପଞ୍ଚାୟତର ଲୋକମାନେ ଶିବିରରେ ଥିବାରୁ ସେମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଥିଲା। ତେବେ ଦୁଇ ଦିନ ହେବ ପାଣି ଛାଡ଼ିଥିବାବେଳେ ଲୋକମାନେ ଘର ମୁହାଁ ହେଉଥିବା ସୂଚନା ପ୍ରଦାନ କରାଯାଇଛି। ଏଭଳି କି ରବିବାର ରାତିରୁ ଖାଦ୍ୟ ପ୍ରଦାନ ବନ୍ଦ କରାଯାଇଛି। ଦୁଇ ତିନି ଦିନ ମଧ୍ୟରେ ସେମାନେ ଘରର ଛପର ଓ ମାଟି କାନ୍ଥ ମରାମତି କରିବେ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପୁଣି ବର୍ଷା ଆସୁଥିବାରୁ ବିପନ୍ନଙ୍କ ସମସ୍ୟା ବଢ଼ିପାରେ ବୋଲି ପ୍ରଶାସନ ପକ୍ଷରୁ ଆକଳନ କରାଯାଉଛି। ଏ ନେଇ ଅନୁଗୋଳ ଉପଜିଲାପାଳ ବାଇଦୁରା ଦୀପ କହିଛନ୍ତି, କ୍ଷୟକ୍ଷତିର ଆକଳନ କରାଯାଉଛି। ଲୋକଙ୍କୁ ପ୍ରଦାନ କରାଯାଉଥିବା ରିଲିଫ ମଧ୍ୟ ବନ୍ଦ କରାଯାଇଛି। କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ସରକାରଙ୍କୁ ଏହା ପ୍ରଦାନ କରାଯିବ।

## ଭଉଣୀକୁ ମାଡ଼ ମାରି ଭାଇ ଗିରଫ

ଛେଣ୍ଡିପଦା,୨୨।୮(ସ୍ୱ.ପ୍ର)

ଛେଣ୍ଡିପଦା ଥାନା ପାତ୍ରପଡା ପଞ୍ଚାୟତ ଖଇରବେରଣୀ ଗ୍ରାମରେ ଭଉଣୀକୁ ମାଡ଼ ମାରିବା ଅଭିଯୋଗରେ ଭାଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି। ଗିରଫ ଯୁବକ ଜଣକ ହେଲେ ପ୍ରଦୀପ ନାଏକ (୪୪)। ଘଟଣାରୁ ପ୍ରକାଶ, ପ୍ରଦୀପ ମଦ୍ୟପାନ କରି ଘରକୁ ଆସିବା ସହିତ ତାଙ୍କ ଭାଇବୋହୂଙ୍କୁ ଗାଳିଗୁଲଜ କରିଥିଲେ। ଏହାଦେଖି ବଡ ଭଉଣୀ ପ୍ରତିମା ନାଏକ ପ୍ରତିବାଦ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଦୀପ ପ୍ରତିମାନଙ୍କୁ ମାଡ଼ ମାରିଥିଲେ। ପ୍ରତିମାଙ୍କ ଅଭିଯୋଗକ୍ରମେ ଛେଣ୍ଡିପଦା ଥାନା ଏସ୍‌ଆଇ ରାଜେଶ ଶତପଥୀ କେସ୍ ନଂ. ୩୯୭/୨୨ରେ ଏକ ମାମଲା ରୁଜୁ କରି ପ୍ରଦୀପଙ୍କୁ ଗିରଫ କରିଥିଲେ।

## ଲୋକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଅ



ବଇଣ୍ଡା,୨୨।୮(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ଶ୍ରେଣୀର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ସେମାନଙ୍କ ସମସ୍ୟା ସମାଧାନ ହେଉନାହିଁ। ସମସ୍ତ ଲୋକଙ୍କ ସମସ୍ୟା କିଭଳି ସହଜରେ ସମାଧାନ ହେବ ସେଥିପ୍ରତି ଅଧିକାରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କିଶୋରନଗର ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପରାମର୍ଶ ଦେଇଛନ୍ତି। କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରକୁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଲୋକେ ଅଭିଯୋଗ ନେଇ ଆସିଥିଲେ। ଏଥିରେ ୮ଟି ସାମୂହିକ, ୯୧ ବ୍ୟକ୍ତିଗତ ଅଭିଯୋଗ ଶୁଣାଣି ହୋଇଥିଲା। ସମସ୍ତ ଅଭିଯୋଗ ଜିଲାପାଳ ଶୁଣାଣି କରି ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ ପ୍ରଧାନ, ପିଡି ଲଳିତ ମୋହନ ବେହେରା, ଅନୁଗୋଳ ଅତିରିକ୍ତ ଏସ୍‌ପି ପ୍ରଶ୍ନକୁମାର ବେହେରା, କିଶୋରନଗର ତହସିଲଦାର ଶାନ୍ତିସରୂପା ମିଶ୍ର, ଜିଲାପରିଷଦ ସଭାପତି ବବିତା ପ୍ରଧାନ, ବ୍ଲକ ଅଧକ୍ଷା ସୈରେନ୍ଦ୍ରି ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ତରଣି ସୁନା, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ।

## କଣିହାଁ ବ୍ଲକ ଅଞ୍ଚଳରୁ ବ୍ରାଉନସୁଗାର ଜବତ

କଣିହାଁ,୨୨।୮(ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ଥାନା ପୋଲିସ ସୋମବାର ବ୍ରାଉନସୁଗାର ଓ କୋରେକ୍ସ କାରବାର ଅଭିଯୋଗରେ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାରେ ସମଲ ଗ୍ରାମର ଡାକ୍ତର ନାଏକ ଓ ବିଲିଣ୍ଡା ଗ୍ରାମର କାରୁ ଓରଫ ଧର୍ମୁ ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୨୪୦/୨୦୨୨ରେ ମାମଲା ରୁଜୁ ହୋଇଛି। ସେହିପରି ୫ ଗ୍ରାମ ୪୦ ମିଲିଗ୍ରାମ ଧଳା ଜହର ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ପରାବିଲ ଗ୍ରାମର ଦେବାନନ୍ଦ ଦେହୁରୀ (୩୨), ଶିପୁର ଗ୍ରାମର ଗିରିଶ ଚନ୍ଦ୍ର ସାମଲ (୩୫) ଓ ସମଲ ଗ୍ରାମର ରଞ୍ଜନ କୁମାର ବେହେରା (୨୬)ଙ୍କୁ ଗିରଫ କରାଯାଇଛି। ଏ ନେଇ କେସ ନମ୍ବର ୨୪୧/୨୦୨୨ରେ ମାମଲା ରୁଜୁ ହୋଇଛି। ବେଆଇନ ନିଶା ବ୍ୟବସାୟକୁ ନେଇ ସମଲ ଥାନା ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ସଫଳତା ପାଇଛି। ଅନ୍ୟପଟେ କଣିହାଁ ବ୍ଲକ ଅଞ୍ଚଳରେ ପ୍ରଥମ ଥର ପାଇଁ ଧଳା ଜହର ଜବତ ହୋଇଥିବା ଜଣାପଡିଛି। ଦୀର୍ଘବର୍ଷ ହେବ ବେଆଇନ କଫ ଶିରପ ବ୍ୟବସାୟ ଓ ସେବନ ବ୍ଲକ ଅଞ୍ଚଳରେ ବ୍ୟାପକ ଭାବେ ଚାଲିଆସୁଛି। ଏହା ଉପରେ ପୋଲିସ ମଧ୍ୟ ଚଢ଼ାଉ କରି କିଛି ଅସାଧୁ ବ୍ୟବସାୟୀଙ୍କୁ ଗିରଫ କରିବାରେ ସଫଳ ହେଉଥିଲେ ମଧ୍ୟ ନିଶା କାରବାର ଜାରି ରହୁଛି। ପୋଲିସ କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।



ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

## ମହୁମାଛି ଦିବସରେ କୁଇଜ ପ୍ରତିଯୋଗିତା

ଅନୁଗୋଳ ଅଫିସ, ୨୨।୮

ଜାତୀୟ ମହୁମାଛି ଦିବସ ପାଳନ ଅବସରରେ ଅନୁଗୋଳ ପୁରୁଣାଗଡ ଉଚ୍ଚ ବିଦ୍ୟାଳୟଠାରେ ଏକ ସଭା ଓ ଓପନ୍ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ପରିବେଶ ଓ ବନ୍ୟପ୍ରାଣୀ ସମିତିର ଆହ୍ୱାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଶୁଭ୍ରା ମିଶ୍ର ସଭାପତିତ୍ୱ କରିଥିଲେ। ମାଟିଆସାହି ସରପଞ୍ଚ ସତ୍ୟବ୍ରତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତିପ୍ରେମୀ ପ୍ରସନ୍ନ କୁମାର ବେହେରା ଯୋଗଦେଇ ମହୁମାଛିମାନଙ୍କ ଆବଶ୍ୟକତା, ସମସ୍ୟା ଓ ସଂରକ୍ଷଣର ବିଭିନ୍ନ ଉପାୟ ଉପରେ ଆଲୋଚନା କରିଥିଲେ। ସୁନୀଲ ଦଳବେହେରା ମହୁମାଛିମାନଙ୍କ ସାମାଜିକ ଓ ବ୍ୟବହାରିକ ଚଳଣି, ଖାଦ୍ୟପାନୀୟ ଉପରେ ଆଲୋକପାତ କରିଥିଲେ। ସହକାରୀ ଶିକ୍ଷକ ବିଶ୍ୱଜିତ ମହାନ୍ତି, ସାମାଜିକକର୍ମୀ ସୁବ୍ରତ କୁମାର ସାହୁ ଏବଂ ସମିତି ସଂଯୋଜକ ସୁବ୍ରତ କୁମାର ପ୍ରଧାନ ଆଲୋଚନାମୂଳକ ସୁପରାମର୍ଶ ପ୍ରଦାନ କରିଥିଲେ। ପ୍ରିୟବ୍ରତ ବେହେରା ଓପନ୍ କୁଇଜ୍ ପରିଚାଳନା କରିଥିବା ବେଳେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

## ବାଳାଶ୍ରମରେ ମଧ୍ୟାହ୍ନଭୋଜନ ପ୍ରଦାନ




ବୃଦ୍ଧାଶ୍ରମଠାରେ ସଦ୍‌ଭାବନା ଦିବସ ପାଳନ ଅବସରରେ ଅତିଥିମାନେ।

ଅନୁଗୋଳ ଅଫିସ, ୨୨।୮

ନେହେରୁ ଯୁବକେନ୍ଦ୍ର ଓ ସର୍ଦ୍ଦାର ପଟେଲ ଯୁବ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଗୋଳସ୍ଥିତ ତାମ୍ରିତ କଲନୀରେ ଥିବା ବୃଦ୍ଧାଶ୍ରମଠାରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶୈଳବାଳା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଜିଲା ଯୁବ ସଂଯୋଜକ ପ୍ରଦୀପ କୁମାର ଯୋଗଦେଇ ସଦ୍‌ଭାବନା ଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇଥିଲେ। ପରେ ଅନ୍ତେବାସୀଙ୍କ ପାଇଁ ଓ ନବଜୀବନ ବାଳାଶ୍ରମରେ ପିଲାଙ୍କୁ ମଧାନ ଭୋଜନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତପନ କୁମାର ସାମଲ, ସାଗର ସାହୁ, ସୁଶାନ୍ତ କୁମାର ଦାସ, ବର୍ଷା ସାହୁ ଓ ସୁସ୍ମିତା ସିଂ ସହଯୋଗ କରିଥିଲେ।

## ଜନଶୁଣାଣି ଶିବିରରେ ୧୨୧ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ,୨୨।୮

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫୪ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ୧୨୧ଟିର ଶୁଣାଣି ସହ ସମାଧାନ କରାଯାଇଥିଲା। ୨ ଜଣ ରେଡ୍‌କ୍ରସ୍ ସହାୟତା ପାଣ୍ଠି ପାଇଁ ଆବେଦନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଶିବିରରେ ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଏହି ଶିବିରରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଗଁଦିଆ ବିଡିଓ ଆଶିଷ ରଞ୍ଜନ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ପିଜିସେଲ ସୌମ୍ୟା ସତଭିଷା, ପିଜି ସେଲ ଅଧିକାରୀ ଲଳିତ ମୋହନ ଚୌଧୁରୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।



## ସଂକ୍ଷେପରେ

### ୫ମ ଥର ପାଇଁ ସୁରଜ ଛାତ୍ର ବିଜେଡି ସଭାପତି


ସୁରଜ ମହାପାତ୍ର

ଢେଙ୍କାନାଳ ଅଫିସ,୨୨।୮: ଢେଙ୍କାନାଳ ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ସୁରଜ ମହାପାତ୍ରଙ୍କୁ ୫ମ ଥର ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଗତ ୧୨ବର୍ଷ ଧରି ସେ ଛାତ୍ର ବିଜେଡି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ସଂସଦ ସଭାପତି ଓ ସମ୍ପାଦକମାନଙ୍କୁ ଜିତାଇ ଛାତ୍ର ସଙ୍ଗଠନକୁ ସକ୍ରିୟ କରିଥିଲେ। ଜିଲାର ଜୀବନବିନ୍ଦୁ ସଂଯୋଜକ ଭାବେ ବହୁ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ତାଙ୍କର ଏହି ନିଯୁକ୍ତି ପାଇଁ ସେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ ଓ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ, ଛାତ୍ର ବ୍ୟାପାର ଦାୟିତ୍ୱରେ ଥିବା ବିଧାୟକ ପ୍ରଣବ ବଳବନ୍ତରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଓ ଜିଲା ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ଛାତ୍ର ସଙ୍ଗଠନକୁ ମଜଭୁତ କରିବାକୁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି।

### ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ହେଲେ ଶଶିକାନ୍ତ


ଶଶିକାନ୍ତ ମିଶ୍ର

ଢେଙ୍କାନାଳ ଅଫିସ,୨୨।୮: ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଭାବେ ଢେଙ୍କାନାଳର ଶଶିକାନ୍ତ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିପୂର୍ବରୁ ଶଶିକାନ୍ତ ରାଜ୍ୟ ଛାତ୍ର ବିଜେଡିର ସମ୍ପାଦକ ରହିଥିଲେ। ଆଗାମୀ ଦିନରେ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ସେ କହିଛନ୍ତି। ଏଥିପାଇଁ ସେ ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯୁବ ସଙ୍ଗଠନ ବ୍ୟାପର ମୁଖ୍ୟ ପ୍ରଣବ ବଳବନ୍ତରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ଡା. ନୃସିଂହ ଚରଣ ସାହୁ ଓ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ ଓ ପର୍ଯ୍ୟବେକ ବିଜୟ କୁମାର ନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଉଦ୍ଦେଶ୍ୟମୂଳକ ଭାବେ ଦିଆଯାଉଛି ନିର୍ଯାତନା

- ଜିଲାପାଳଙ୍କୁ ଅଭିଯୋଗ କଲେ ସଦର ବ୍ଲକ ସିଆର୍‌ସିସି
- ସମାଧାନ ପାଇଁ ସପ୍ତାହେ ସମୟ
- ସାମୂହିକ ଇସ୍ତଫା ଦେବାକୁ ଚେତାବନୀ

ଢେଙ୍କାନାଳ ଅଫିସ,୨୨।୮

ଢେଙ୍କାନାଳ ଜିଲା ସଦର ବ୍ଲକର କ୍ଲଷ୍ଟର ରିସୋର୍ସ ସେଣ୍ଟର କୋଅର୍ଡିନେଟର (ସିଆର୍‌ସିସି) ମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିର୍ଯାତନା ଦିଆଯାଉଥିବା ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସପ୍ତାହେ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ସିଆର୍‌ସିସିମାନେ ସାମୂହିକ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ସେମାନେ ଜିଲା ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ସୂଚନା ଦେଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ସିଆର୍‌ସିସିମାନେ ବିଦ୍ୟାଳୟ ମନିଟରିଂ, ବିଦ୍ୟାଳୟ ପରିସର ଓ ଶୌଚାଳୟ ସଫାସୁତରା, ପାନୀୟ ଓ ପରିମଳ ବ୍ୟବସ୍ଥା, ଜମିପଟ୍ଟା ପାଇଁ ଆବେଦନ, ଫାଇଲେରିଆ ଔଷଧ ବଣ୍ଟନ, ମୋ ସ୍କୁଲ ଅଭିଯାନ ପାଇଁ ସଚେତନତା ସହ ପାଣ୍ଠି ସଂଗ୍ରହ, ମଧ୍ୟାହ୍ନ ଭୋଜନ, ନ୍ୟୁଟ୍ରିଶନ ବଗିଚା ପ୍ରସ୍ତୁତି, କ୍ୱାଲିଟି ୟୁନିଫର୍ମ ବଣ୍ଟନ, ୟୁସି ସଂଗ୍ରହ, ପାଠ୍ୟ ପୁସ୍ତକ, ଲାଇବ୍ରେରି ବହି ଓ ବିଜ୍ଞାନ କିଟ୍ ବଣ୍ଟନ, ୫-ଟି ବିଦ୍ୟାଳୟ ପାଇଁ ସର୍ଭେ ଓ ମନିଟରିଂ, ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ପାଇଁ ମୂଲ୍ୟାୟନ, ଶ୍ରେଷ୍ଠ ସ୍କୁଲ ପୁରସ୍କାର ପାଇଁ ସର୍ଭେ, ୯ମ ଓ ୧୦ମ ଶ୍ରେଣୀ ପରୀକ୍ଷାରେ ପର୍ଯ୍ୟବେକ୍ଷକ କାର୍ଯ୍ୟ, ନିର୍ବାଚନ ସମୟରେ ନୋମିନେଶନ ଗ୍ରହଣ କାର୍ଯ୍ୟ, ଇଚ୍ ୱାନ ଟିଚ୍ ୱାନ ପାଇଁ ମନିଟରିଂ, ସ୍କୁଲ ଆସୁ ନ ଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଅଭିଭାବକମାନଙ୍କୁ ପ୍ରବର୍ତ୍ତାଇବା, ପ୍ରଥମ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଦିନ ପିଲାଙ୍କ ଉପସ୍ଥାନ ସଂଗ୍ରହ, ବିଦ୍ୟାଳୟକୁ ମିଳୁଥିବା ବିଭିନ୍ନ ଅନୁଦାନର ବିନିଯୋଗ, ବିଦ୍ୟାଳୟର ଶୁଖିଲା ଖାଦ୍ୟ ଓ ରନ୍ଧନ ଖର୍ଚ୍ଚ ବଣ୍ଟନ, ଛାତ୍ରୀଛାତ୍ରଙ୍କ ଆଧାରକାର୍ଡ ପଞ୍ଜୀକରଣ, ବେସ୍‌ଲାଇନ ଓ ଏଣ୍ଡ୍ ଲାଇନ ଆସେସମେଣ୍ଟର ତଦାରଖ, ଭ୍ୟାକ୍ସିନେଶନ ରିପୋର୍ଟ ପ୍ରଦାନ, ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମର ସହଯୋଗ ଓ ଅନୁଦାନର ପିପିଏ ପ୍ରସ୍ତୁତି ସୂଚାରୁରୂପେ କରୁଛନ୍ତି। ଏସବୁ ସତ୍ତ୍ୱେ କୌଣସି ଦୋଷ ନ ଥାଇ ଜିଲା ଶିକ୍ଷା ଅଧିକାରୀ ଆକ୍ରୋଶମୂଳକ ଓ ଉଦ୍ଦେଶ୍ୟମୂଳକ ଭାବେ ସିଆର୍‌ସିସିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। କିରାଣିଙ୍କ ଠାରୁ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ କୁତ୍ସିତ ଭାଷାରେ ସମାଲୋଚନା କରୁଛନ୍ତି। ଏପରିକି ବିଦ୍ୟାଳୟସ୍ତରରୁ କୌଣସି ଭୁଲ ପାଇଁ ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହୋଇ ସିଆର୍‌ସିସିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଦୁଇଜଣ କିରାଣି ସିଆର୍‌ସିସିମାନଙ୍କୁ ତାଚ୍ଛଲ୍ୟ କରିବା ସହିତ ଅଶାଳୀନ ମନ୍ତବ୍ୟ ଦେଉଛନ୍ତି। ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକର କାମ ଲଦି ଦିଆଯାଇଛି। ଗତ ମାଟ୍ରିକ ପରୀକ୍ଷାରେ ସିଆର୍‌ସିସିମାନଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିବା ବେଳେ ଗେଙ୍ଗୁଟିଆ ସିଆର୍‌ସିସିଙ୍କୁ ୪୦ କିଲୋମିଟର ଦୂରରେ ଦାୟିତ୍ୱ ଦିଆଯାଇ ଉଦ୍ଦେଶ୍ୟମୂଳକ ଭାବେ ନିଲମ୍ବିତ କରାଯାଇଥିଲା। ସପ୍ତଶଯ୍ୟା କ୍ଲଷ୍ଟର ସିଆର୍‌ସିସି ରବି ନାରାୟଣ ନାୟକ ଓ ମଙ୍ଗଳପୁର କ୍ଲଷ୍ଟର ସିଆର୍‌ସିସି ଇଚ୍ଛାବତୀ ରାଉତଙ୍କ ଦରମା ବନ୍ଦ କରାଯିବା ସହ ମାନସିକ ନିର୍ଯାତନା ଦିଆଯାଉଛି। ନିକଟ ଅତୀତରେ ମାନସିକ ଅଶାନ୍ତି ଯୋଗୁ ସୋଗରପଶି କ୍ଲଷ୍ଟରର ୩ଜଣ ସିଆର୍‌ସିସିଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଉଦ୍ଦେଶ୍ୟମୂଳକ ଭାବେ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନର ତୁରନ୍ତ ସମାଧାନ ଓ ନିଲମ୍ବିତ ସମୟକୁ ରେଗୁଲାର କରିବାକୁ ସିଆର୍‌ସିସିମାନେ ଦାବି କରିଛନ୍ତି। ସପ୍ତାହକ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ସାମୂହିକ ଭାବେ କାର୍ଯ୍ୟରୁ ଇସ୍ତଫା ଦେବେ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ଭାପୁର ସିଆର୍‌ସିସି ନୃସିଂହ ଚରଣ ପତି, ବେଲଟିକିରି ସିଆର୍‌ସିସି ରସାନନ୍ଦ ମହାରଣା, ସପ୍ତଶଯ୍ୟା ସିଆର୍‌ସିସି ରବି ନାରାୟଣ ନାୟକ, ଗେଙ୍ଗୁଟିଆ ସିଆର୍‌ସିସି ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କହିଛନ୍ତି, ସିଧାସଳଖ ସିଆର୍‌ସିସିମାନଙ୍କ ସହିତ କୌଣସି ଲିଙ୍କ୍ ନାହିଁ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନରେ ସେମାନେ ରହିଛନ୍ତି। ସମସ୍ତ କାର୍ଯ୍ୟ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ହେଉଛି। ମୋ ନିକଟକୁ ମଧ୍ୟ କୌଣସି ଅଭିଯୋଗ ଆସିନାହିଁ। ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ କହିଛନ୍ତି, ମାଟ୍ରିକ ପରୀକ୍ଷାକୁ ନେଇ ଜଣଙ୍କୁ ନିଲମ୍ବିତ କରାଯାଇଥିବା ବେଳେ କାର୍ଯ୍ୟରେ ଅବହେଳା ଯୋଗୁ ଦୁଇ ସିଆର୍‌ସିସିଙ୍କ ଦରମା ବନ୍ଦ କରାଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସାମୂହିକ ଇସ୍ତଫା ଦେବା ସମ୍ପର୍କରେ ମୋ ନିକଟକୁ ଅଭିଯୋଗ ଆସିନାହିଁ। ଟୁର୍‌ରେ ବାହାରକୁ ଯାଇଥିଲି। ମଙ୍ଗଳବାର ସିଆର୍‌ସିସିମାନଙ୍କ ସହିତ ଆଲୋଚନା କରିବି ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଉତ ପ୍ରକାଶ କରିଛନ୍ତି।

# ଚାରା ରୋପଣ କଲେ ପୂର୍ତ୍ତ ମନ୍ତ୍ରୀ


କପିଳାସ ପୀଠରେ ଚାରା ରୋପଣ କରାଯାଉଛି।

ଢେଙ୍କାନାଳ ଅଫିସ,୨୨।୮

ଢେଙ୍କାନାଳ ଜିଲା କପିଳାସସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ମନ୍ଦିର ପରିସରରେ ଦେବୋତ୍ତର ବିଭାଗ ପକ୍ଷରୁ ସୋମବାର ପୂର୍ବାହ୍ନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ପୀଠରେ ବିଭିନ୍ନ ଫଳ ଚାରା ରୋପଣ କରିଥିଲେ। ଏଥିସହ ପୀଠର ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ପୀଠରେ ଅଧିକ ଓଉ, କରମଙ୍ଗା, ଲେମ୍ବୁ ଆଦି ଗଛର ଚାରା ଲଗାଯିବ। କପିଳାସ ପୀଠର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବା ସହିତ ସୁସ୍ଥ ଓ ସୌନ୍ଦର୍ଯ୍ୟମୟ ପରିବେଶ ପ୍ରତି ଅଧିକ ନଜର ଦିଆଯାଉଛି

### କପିଳାସ ପୀଠକୁ ଅଧିକ ଆକର୍ଷଣୀୟ କରାଯିବ

ବୋଲି ଜିଲାପାଳ ସରୋଜ କୁମାର ସେଠୀ ପ୍ରକାଶ କରିଥିଲେ। ଜନସାଧାରଣ ମଧ୍ୟ ନିଜ ନିଜ ବଗିଚାରେ ଫଳ ଓ ପନିପରିବା ଆଦି ଚାରା ଲଗାଇବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କ ସମେତ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ଦେଓଗାଁ ସରପଞ୍ଚ ବିଜୟ କୁମାର ଦେହୁରୀଙ୍କ ସମେତ ବନବିଭାଗ ଓ ଦେବୋତ୍ତର ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ଭାରତ ବିକାଶ ପରିଷଦର ବୈଠକ

ଢେଙ୍କାନାଳ ଅଫିସ,୨୨।୮

ଭାରତ ବିକାଶ ପରିଷଦର ଶହୀଦ ବାଜି ରାଉତ ଶାଖା ଢେଙ୍କାନାଳ ପକ୍ଷରୁ ରବିବାର ଏକ ବୈଠକ ରିଜର୍ଭ ପୋଲିସ ଲାଇନସ୍ଥିତ ଦି କ୍ରିଏଶନ ଅଫିସଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାପତି ବାବୁଚାନ୍ଦ ମହାଲିକ ଏଥିରେ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ ପରିଷଦର ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି, ପ୍ରାନ୍ତୀୟ ସଭାପତି ସତ୍ୟବାଦୀ ଦାସ, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ମହାରଣା, ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ, ପୁରୀ ଶାଖା ସମ୍ପାଦକ ସୌମେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଷଦ ସମ୍ପର୍କ, ସହଯୋଗ, ସଂସ୍କାର, ସେବା, ସମର୍ପଣ ଆଦି କାର୍ଯ୍ୟକୁ ନେଇ କାମ ହେଉଥିବା ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା। ଶାଖା ସମ୍ପାଦକ ଡ. ସମୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ହରେକୃଷ୍ଣ କର, କୋଷାଧ୍ୟକ୍ଷ ମାନସ ମହାପାତ୍ର, ସଦସ୍ୟ ନବଦ୍ୱିପ ନାୟକ, ବ୍ରଜ କିଶୋର ମହାନ୍ତି, ମୋନାଲିସା ମାହାନ୍ତ, ଅନିଲ ରାଉତ, ସବିତା ଧୀର, ରାମନାଥ ପାତ୍ର, ଦିଲୀପ ଜେନା, ଡ. ଭୂପେଶ ସାହୁ, ଅଭିନାଶ ପଟ୍ଟନାୟକ ଓ ସ୍ୱାତୀ ନନ୍ଦଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଭାରତ ବିକାଶ ପରିଷଦର ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

### ରଣଜିତଙ୍କ ଅବଦାନ ସ୍ମରଣୀୟ

ଢେଙ୍କାନାଳ ଅଫିସ,୨୨।୮

ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ସଂଳାପକାର ରଣଜିତ ପଟ୍ଟନାୟକଙ୍କ ବିୟୋଗରେ ଢେଙ୍କାନାଳର ନାଟ୍ୟ ଅନୁଷ୍ଠାନ କଳାପରିଷଦ ପକ୍ଷରୁ ଏହାର କାର୍ଯ୍ୟାଳୟରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଜୟନ୍ତ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ନୀରବ ପ୍ରାର୍ଥନା ପରେ ତାଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରାଯାଇଥିଲା। ଓଡିଶା ନାଟ୍ୟ ଜଗତକୁ ରଣଜିତ ପଟ୍ଟନାୟକଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ। ବିଶେଷକରି ରାଜ୍ୟସ୍ତରୀୟ ନାଟ୍ୟ ଉତ୍ସବରେ ତାଙ୍କର ନାଟକ 'ମାର୍ଫିଡ୍ ଈଶ୍ୱର' ଦର୍ଶକମାନଙ୍କ ନିକଟରେ ସ୍ମରଣୀୟ ହୋଇ ରହିବ ବୋଲି କଳାକାର ଓ କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଶୋକ ସଭାରେ ଶତ୍ରୁଘ୍ନ ମାଟି, ମନ୍ମଥ ପଟ୍ଟନାୟକ, ପ୍ରବୀର ମହାନ୍ତି, ଇନ୍ଦ୍ରମଣି ବେହେରା, କିଶୋର ରାଉତ, ଅଶୋକ ଦାଶ, ବିନୋଦ ମହାନ୍ତି, ଅମ୍ବିକା ପ୍ରସାଦ ପଟ୍ଟନାୟକ, ମନୋରଞ୍ଜନ ସିଂହ, ଦିତିକ୍ରିଷ୍ଣ ମଲ୍ଲିକ ଓ ଶଶିକାନ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନର ଦ୍ୱାରସ୍ଥ ହେଲେ ଭୂମିହୀନ


ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ହିତାଧିକାରୀମାନେ।

ଢେଙ୍କାନାଳ ଅଫିସ,୨୨।୮

ଢେଙ୍କାନାଳ ସହର ଗୋପବନ୍ଧୁ ବଜାର ଓ କୋରିଆଁ ଅଞ୍ଚଳର ଭୂମିହୀନ ମହିଳା ହିତାଧିକାରୀଙ୍କୁ ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେବା ପାଇଁ ଲାଞ୍ଚ ମଗାଯାଉଥିବା ଅଭିଯୋଗ ହୋଇଛି। ପୌର କାର୍ଯ୍ୟାଳୟର ୨ଜଣ କର୍ମଚାରୀ ୨୦ ହଜାର ଟଙ୍କା ଲେଖାଏ ମାଗୁଥିବା ସମ୍ପୃକ୍ତ ହିତାଧିକାରୀମାନେ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସେମାନେ ଉଲ୍ଲେଖ କରିଛନ୍ତି,

### ଆବାସ ପାଇଁ ଲାଞ୍ଚ ମଗାଯାଉଥିବା ନେଇ ଅଭିଯୋଗ

ଘର ଛାତ ପଡିଯାଇଥିବା ବେଳେ ପୌରସଂସ୍ଥାର ଦୁଇଜଣ କର୍ମଚାରୀ ୨୦ ହଜାର ଟଙ୍କା ଲେଖାଏ ଦେଲେ ଘର ମିଳିବ, ନ ହେଲେ ମିଳିବନି ବୋଲି କହୁଛନ୍ତି। ସେମାନେ ଗରିବ ମଜୁରିଆ ହୋଇଥିବାରୁ ଏତେଟଙ୍କା କିପରି ଦେବେ ବୋଲି କହିବାରୁ କର୍ମଚାରୀମାନେ ଟଙ୍କା ନ ଦେଲେ ଘର ପାଇବନି କହି କାର୍ଯ୍ୟାଳୟକୁ ଡକାଇ ଫେରାଇ ଦେଇଥିବା ହିତାଧିକାରୀ ପୁଚି ନାଏକ, ମମତା ସାହୁ ଓ ଗୌରି ନାୟକଙ୍କ ସମେତ ପ୍ରାୟ ୫ଜଣ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସରକାର ଗରିବଙ୍କ ପାଇଁ ଘର ଦେଇଥିବାବେଳେ କାହିଁକି ୨୦ ହଜାର ଟଙ୍କା ଲାଞ୍ଚ ଦେବୁ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ କହିଛନ୍ତି, କାର୍ଯ୍ୟରେ ଭୁବନେଶ୍ୱର ଆସିଛି। ଲାଞ୍ଚ ମଗାଯିବା ନେଇ କୌଣସି ଅଭିଯୋଗ ପାଇନାହିଁ। ଅଭିଯୋଗ ପାଇଲେ ତଦନ୍ତ କରି ପଦକ୍ଷେପ ନିଆଯିବ।

# ଶିକ୍ଷକ ନେତାଙ୍କ ସ୍ମୃତିଚାରଣ



ଶ୍ରୀପତି ସେନାପତିଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଅଫିସ,୨୨।୮

ଢେଙ୍କାନାଳ ଲକ୍ଷ୍ମୀଧର ମ୍ୟୁନିସପାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ଶିକ୍ଷକ ନେତା

### ଉଦାର ଚରିତ୍ର ତଥା ଦୃଢ଼ ସଙ୍ଗଠକ ଥିଲେ

ସ୍ୱର୍ଗତ ଶ୍ରୀପତି ସେନାପତିଙ୍କ ସ୍ମୃତିରେ ରବିବାର ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ପୂର୍ବତନ ଶିକ୍ଷକ ରାମେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟବକ୍ତା ଭାବେ ଜମେଶ୍ୱର ପୃଷ୍ଟି ଓ ସମ୍ମାନିତ ଅତିଥି ଭାବେ ଦୋଳଗୋବିନ୍ଦ ଆଚାର୍ଯ୍ୟ, ଅଭୟ ଚରଣ ପଟ୍ଟନାୟକ, ନିମାଇଁ ଚରଣ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଶ୍ରୀପତିଙ୍କ ସ୍ମୃତିର ରୋମନ୍ଥନ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ସ୍ୱର୍ଗତ ଆତ୍ମାଙ୍କ ସ୍ମୃତିଚାରଣ କରିବା ସହିତ ଜଣେ ଉଦାର ଚରିତ୍ର ତଥା ଦୃଢ଼ ସଙ୍ଗଠକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିବାରଣ ଦାସ, ଅଞ୍ଜନ କୁମାର ହୋତା, ଶକ୍ତି ପ୍ରସାଦ ନନ୍ଦ, ରୁଦ୍ରପ୍ରସାଦ ନନ୍ଦ, ପ୍ରଦୋଶ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଲୋକନାଥ ଷଡଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ରୁଦ୍ର ପ୍ରସାଦ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ଦିବ୍ୟାଙ୍ଗ ଶିଶୁକୁ ସହାୟତା ପ୍ରଦାନ

ଢେଙ୍କାନାଳ ଅଫିସ,୨୨।୮

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଖଣ୍ଡତିରି ଗ୍ରାମର ପ୍ରତିମା ନାୟକ ଓ ଅଜୟ ନାୟକଙ୍କ ଦିବ୍ୟାଙ୍ଗ ପୁତ୍ର ଅରବିନ୍ଦଙ୍କର ଭରଣ ପୋଷଣ ପାଇଁ ସୋମବାର ଅପରାହ୍ନରେ ଜିଲାପାଳ ସରୋଜ କୁମାର ସେଠୀ ସହାୟତା ପ୍ରଦାନ କରିଛନ୍ତି। ଅରବିନ୍ଦଙ୍କ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ମଧୁବାବୁ ଭତ୍ତା ଯୋଜନାରେ ତାଙ୍କୁ ସାମିଲ କରାଇବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମଧୁବାବୁ ଭତ୍ତା ଯୋଜନାରେ ଅରବିନ୍ଦଙ୍କୁ ମାସକୁ ୭୦୦ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ଜଣାଇଛନ୍ତି।


ସହାୟତା ପାଇଥିବା ଦିବ୍ୟାଙ୍ଗ ଶିଶୁ।

# ଛାତ୍ରୀଙ୍କୁ ସହାୟତାର ହାତ ବଢ଼ାଇଲେ ଜିଲାପାଳ

### ଔଷଧ ପାଇଁ ଅର୍ଥାଭାବ

ଢେଙ୍କାନାଳ ଅଫିସ,୨୨।୮

ପିଲାବେଳୁ ରକ୍ତଜନିତ କ୍ରୋନିକ୍ ଆଇଟିପି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଢେଙ୍କାନାଳ ଦେଉଳସାହିର ଯୁକ୍ତ ୨ ଛାତ୍ରୀ ସ୍ନିଗ୍ଧାରାଣୀ ପଣ୍ଡାଙ୍କୁ ପୁଣି ସହାୟତର ହାତ ବଢ଼ାଇଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ସୋମବାର ସମ୍ପୃକ୍ତା ଛାତ୍ରୀଙ୍କ ଅଧିକ ଚିକିତ୍ସା ପାଇଁ ଜିଲାପାଳ ତାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଓଡାପଡା ବ୍ଲକ ସିମିନଇ କଲେଜରେ ପଢୁଥିବା ସ୍ନିଗ୍ଧାରାଣୀଙ୍କୁ ୧୩ ବର୍ଷ ବୟସ ହୋଇଥିବା ବେଳେ ଏହି ରୋଗର ଲକ୍ଷଣ ଦେଖାଦେଇଥିଲା। ତାଙ୍କ ଦେହରେ କୌଣସି କ୍ଷତ ହେଲେ ରକ୍ତପ୍ରବାହ ବହୁ ସମୟ ଧରି ବନ୍ଦ ହେଉ ନ ଥିଲା। ଦେହ, ହାତ ଲାଲ ହୋଇ ଫଳିଯାଉଥିଲା। ଏହି ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ଛାତ୍ରୀଙ୍କ ପରିବାର ଅସହାୟ ହୋଇପଡ଼ିଥିଲେ। ତେବେ କିଛିଦିନ ପୂର୍ବରୁ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରାଇ କଟକସ୍ଥିତ ଏସ୍‌ସିବି ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ପରେ ଭୁବନେଶ୍ୱରସ୍ଥିତ ଏମ୍‌ସ୍‌ରେ ତାଙ୍କର ଅଧିକ ଚିକିତ୍ସା ହୋଇଥିଲା। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଏହି ଚିକିତ୍ସା ନିମନ୍ତେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ଚିକିତ୍ସିତ ହେଉଥିଲେ ମଧ୍ୟ ଔଷଧର ମୂଲ୍ୟ ଅଧିକ ରହୁଥିବାରୁ ସ୍ନିଗ୍ଧାରାଣୀ ତାହା କିଣିପାରୁ ନାହାନ୍ତି। ଗୋଟିଏ ବଟିକାର ମୂଲ୍ୟ ୩୦୦ ଟଙ୍କା ପଡୁଥିବାରୁ ମାସକୁ ୪ଟି ବଟିକା କିଣି ଖାଇବା ତାଙ୍କ ପକ୍ଷେ ସମ୍ଭବ ହେଉ ନାହିଁ। ଏ ସମ୍ପର୍କରେ ଜାଣିବା ପରେ ଜିଲାପାଳ ତାଙ୍କୁ ସହଯୋଗର ହାତ ବଢାଇ ରେଡକ୍ରସ ଫଣ୍ଡରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏଥିସହିତ ତାଙ୍କର ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସ୍ନିଗ୍ଧାଙ୍କ ଚିକିତ୍ସା ନିମନ୍ତେ ୬ନଂ ୱାର୍ଡ କାଉନସିଲର ସନ୍ଦୀପ କୁମାର ଷଡଙ୍ଗୀ ମଧ୍ୟ ସମସ୍ତ ସହଯୋଗ ପ୍ରଦାନ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ସେ ମାଗଣା ଚିକିତ୍ସା ପାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଜିଲାପାଳଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।


ସ୍ନିଗ୍ଧାରାଣୀ ପଣ୍ଡାଙ୍କୁ ସହାୟତା ପ୍ରଦାନ କରୁଛନ୍ତି ଜିଲାପାଳ ସରୋଜ କୁମାର ସେଠୀ।

